# भारतीय प्रौद्योगिकी संस्थान भुवनेश्वर
## Indian Institute of Technology Bhubaneswar

### Press Release

### ଆଇଆଇଟି ଭୁବନେଶ୍ୱର ଏବଂ ସିଏସଆଇଆର-କେନ୍ଦ୍ରୀୟ ସଡକ ଅନୁସନ୍ଧାନ ପ୍ରତିଷ୍ଠାନ (ସିଆରଆରଆଇ) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୮ ଜାନୁଆରୀ ୨୦୨୫:** ପାରସ୍ପରିକ ସହଯୋଗ, ବୌଦ୍ଧିକ ସହବନ୍ଧନ, ଜ୍ଞାନର ଆଦାନ ପ୍ରଦାନ ଏବଂ ଜାତୀୟ ସହଭାଗୀତାର ବିକାଶର ସୁଯୋଗ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏବଂ ସିଏସଆଇଆର-କେନ୍ଦ୍ରୀୟ ସଡ଼କ ଅନୁସନ୍ଧାନ ପ୍ରତିଷ୍ଠାନ (ସିଆରଆରଆଇ), ନୂଆଦିଲ୍ଲୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ୮ ଜାନୁୟାରୀ ୨୦୨୫ ରେ  ଆଇଆଇଟି ଭୁବନେଶ୍ୱରର ଡିନ୍ (ପ୍ରାୟୋଜିତ ଅନୁସନ୍ଧାନ ଏବଂ ଶିଳ୍ପ ପରାମର୍ଶଦାତା) ପ୍ରଫେସର ଦିନାକର ପାସଲା ଏବଂ ସିଏସଆଇଆର-ସିଆରଆରଆଇର ନିର୍ଦ୍ଦେଶକ ପ୍ରଫେସର ମନୋରଂଜନ ପରିଡ଼ାଙ୍କ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର ଉପସ୍ଥିତ ଥିଲେ।

ସହଯୋଗୀ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା, ନୂତନ ଚିନ୍ତାଧାରା ବିନିମୟକୁ ସହଜ କରିବା, ନୂତନ ଜ୍ଞାନର ବିକାଶ ଏବଂ ଉଚ୍ଚମାନର ଅନୁସନ୍ଧାନକୁ ବୃଦ୍ଧି କରିବାକୁ ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ। ଅନୁସନ୍ଧାନର ପ୍ରମୁଖ କ୍ଷେତ୍ର ଯେଉଁଥିରେ ଉଭୟ ପକ୍ଷ ମିଳିତ ଭାବରେ କାର୍ଯ୍ୟ କରିବେ, ସେଗୁଡିକ ହେଉଛି ଟ୍ରାଫିକ୍ ଏବଂ ପରିବହନ ଇଞ୍ଜିନିୟରିଂ, ପେଭମେଣ୍ଟ୍ ଇଞ୍ଜିନିୟରିଂ, ସଡକ ସୁରକ୍ଷା ଏବଂ ଅନ୍ୟାନ୍ୟ ସହଯୋଗୀ ସିଭିଲ୍ ଇଞ୍ଜିନିୟରିଂ କ୍ଷେତ୍ର ଯେପରିକି ଜିଓଟେକ୍ନିକାଲ୍ ଇଞ୍ଜିନିୟରିଂ ଏବଂ ବ୍ରିଜ୍ ଇଞ୍ଜିନିୟରିଂ ଇତ୍ୟାଦି । ଏହି ସହବନ୍ଧନର ଧାରାରେ ଗବେଷଣା ଏବଂ ଶିକ୍ଷାଦାନ ଉଦ୍ଦେଶ୍ୟରେ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନଙ୍କ ଆଦାନ ପ୍ରଦାନକୁ ଅନ୍ତର୍ଭୁକ୍ତ କରିବ; ସହଯୋଗୀ ଅନୁସନ୍ଧାନ ପ୍ରକଳ୍ପ, ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମ ଏବଂ ଦକ୍ଷତା ବିକାଶ ପ୍ରୟାସର ବିକାଶ ଏବଂ କାର୍ଯ୍ୟକାରିତା; ଗବେଷଣା ପ୍ରକାଶନ, ହ୍ୱାଇଟ ପେପର ଏବଂ ଗଣମାଧ୍ୟମରେ ଅନୁସନ୍ଧାନର ପ୍ରସାର ଆଦି ଅନ୍ତର୍ଭୁକ୍ତ।

ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର କରମଲକର କହିଛନ୍ତି: "ସିଏସଆଇଆର-ସିଆରଆରଆଇ ସହିତ ଏହି ସହଯୋଗ କ୍ଷେତ୍ର ସଡ଼କ ନିର୍ମାଣରେ ଗବେଷଣା ପାଇଁ ଇକୋସିଷ୍ଟମକୁ ସମୃଦ୍ଧ କରିବା, ଯାହାଦ୍ୱାରା ପରିବହନ ଏବଂ ସଂଯୋଗ ପାଇଁ ଭିତ୍ତିଭୂମି ମଜବୁତ କରିବାରେ ସହାୟକ ହେବ । ଆଇଆଇଟି ଭୁବନେଶ୍ୱରରେ ଥିବା ସ୍କୁଲ୍ ଇନଫ୍ରାଷ୍ଟ୍ରକଚର ଏହାର ବିଶିଷ୍ଟ ଅଧ୍ୟାପକମାନଙ୍କ ମାଧ୍ୟମରେ ସିଭିଲ୍ ଇଞ୍ଜିନିୟରିଂର ବିଭିନ୍ନ କ୍ଷେତ୍ରରେ ଏକାଡେମିକ୍ ଏବଂ ଗବେଷଣା ସହିତ କାର୍ଯ୍ୟ କରିଥାଏ।  ବୈଷୟିକ ଜ୍ଞାନ ପ୍ରଦାନକାରୀ ଭାବରେ ଆଇଆଇଟି ଭୁବନେଶ୍ୱର ଏହି ସହବନ୍ଧନ ମାଧ୍ୟମରେ ଏହି କ୍ଷେତ୍ରରେ ନୂତନତ୍ୱ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। "

ସିଏସଆଇଆର-ସିଆରଆରଆଇର ନିର୍ଦ୍ଦେଶକ ପ୍ରଫେସର ପରିଡ଼ା ପ୍ରକାଶ କରିଛନ୍ତି: "ଭାରତର ଦୁଇ ପ୍ରମୁଖ ଅନୁଷ୍ଠାନ ମଧ୍ୟରେ ହୋଇଥିବା ଏହି ଏମଓୟୁ ସଡ଼କ ଓ ବ୍ରିଜ୍, ଟ୍ରାଫିକ୍ ଏବଂ ପରିବହନ, ଭୂ-ଉନ୍ନତି ଏବଂ ଭୂ-ଯାନ୍ତ୍ରିକ ଇଂଜିନିୟରିଂ, ଗ୍ରାମୀଣ ସଡ଼କ, ଫୁଟପାଥ କ୍ଷେତ୍ରରେ ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପରେ ପରିବର୍ତ୍ତନ ଆଣିବା ସହ ପେଭମେଣ୍ଟ  ଡିଜାଇନ ତଥା ଏହାର ମୂଲ୍ୟାଙ୍କନ, ଯାନ୍ତ୍ରିକରଣ ଏବଂ ପରିବେଶ ଓ ସଡକ ସୁରକ୍ଷା କ୍ଷେତ୍ରରେ ନବାଚାର ଦିଗରେ  ଭବିଷ୍ୟତରେ ଏହି କ୍ଷେତ୍ରରେ ଏକ ମାନଦଣ୍ଡ ସୃଷ୍ଟି କରିବାରେ ଏହି ସହବନ୍ଧନ ଓଡିଶାକୁ ମଧ୍ୟ ସାହାଯ୍ୟ କରିବ ବୋଲି ଆମେ ଆଶା କରୁଛୁ।"

ଏହି ଅବସରରେ, ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁମନ୍ତ ହାଲଦାର, ହେଡ୍-ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍ଚର, ଆଇଆଇଟି ଭୁବନେଶ୍ୱର; ଡକ୍ଟର ପ୍ରଦୀପ କୁମାର, ମୁଖ୍ୟ ବୈଜ୍ଞାନିକ-ମୁଖ୍ୟ (ପେଭମେଣ୍ଟ ମୂଲ୍ୟାଙ୍କନ ବିଭାଗ) ସିଏସଆଇଆର-ସିଆରଆରଆଇ; ଆଇଆଇଟି ଭୁବନେଶ୍ୱରର ଅଧ୍ୟାପକ ଡକ୍ଟର ଉମେଶ ଚନ୍ଦ୍ର ସାହୁ  ଏବଂ ଡକ୍ଟର ଅନୁଷ କେ. ଚନ୍ଦ୍ରପ୍ପା ଉପସ୍ଥିତ ଥିଲେ।

-----------------------